## ୱାର୍ଡ ସଂରକ୍ଷଣ ତାଲିକା ଅପରିବର୍ତ୍ତିତ

ଛତ୍ରପୁର,୩୦।୧୧(ଡି.ଏନ୍.ଏ.)-ଛତ୍ରପୁର ଏନ୍ଏସିର ୱାର୍ଡଗୁଡିକ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ସମ୍ପର୍କିତ ଚୂଡାନ୍ତ ଚିଠା ତାଲିକା ପ୍ରକାଶ ପାଇଛି। ଆପତ୍ତି ଉପରେ ଶୁଣାଣି କରାଯାଇ ଏହା ପ୍ରକାଶ ପାଇଛି। ଏନ୍ଏସିରେ ୧୪ଟି ୱାର୍ଡ ମଧ୍ୟରୁ ୧, ୨, ୪,୮, ୱାର୍ଡ ଅଣ ସଂରକ୍ଷିତ, ୩ ନଂ. ୱାର୍ଡ ଅନୁସୂଚିତ ଜାତି (ମହିଳା), ୪ ନମ୍ବର ୫ ନଂ. ୱାର୍ଡ ମହିଳା, ୬ ନଂ. ଅନୁସୂଚିତ ଜନଜାତି (ମହିଳା), ୭ ନଂ. ପାଇଁ ମହିଳା, ୯ ନଂ. ପାଇଁ ମହିଳା, ୧୦ ନଂ. ୱାର୍ଡ ପାଇଁ ପଛୁଆବର୍ଗ, ୧୧ ନମ୍ବର ୱାର୍ଡ ପାଇଁ ଅନୁସୂଚିତ ଜାତି, ୧୨ନଂ. ୱାର୍ଡ ପାଇଁ ପଛୁଆବର୍ଗ (ମହିଳା), ୧୩ ନମ୍ବର ୱାର୍ଡ ପାଇଁ ପଛୁଆବର୍ଗ, ୧୪ ନମ୍ବର ୱାର୍ଡ ନିମନ୍ତେ ପଛୁଆବର୍ଗ (ମହିଳା)ଙ୍କ ନିମନ୍ତେ ସଂରକ୍ଷଣ ରହିଛି। ସୂଚନାଯୋଗ୍ୟ, ଛତ୍ରପୁର ଏନ୍ଏସିରେ ୧୪ ୱାର୍ଡ ରହିଥିବା ବେଳେ ୫୦ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା, ଯୁବକ କୋର୍ଟଚାଲାଣ

ଗୋପାଳପୁର,୩୦।୧୧(ଡି.ଏନ.ଏ.): ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କାଳିଆ ନାୟକ (୨୫)। ଏହି ଥାନା ଅଞ୍ଚଳର ନାବାଳିକାଙ୍କୁ ସେହି ଗ୍ରାମର କାଳିଆ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଗତ ୨୬ରେ ଅପହରଣ କରି ବାହାର ଜିଲାରେ ରଖି ବଳାତ୍କାର କରିଥିଲେ। ଦୁଇ ଦିନ ସେଠାରେ ପରେ ପୁଣି କାଳିଆ ନାବାଳିକାଙ୍କୁ ବେନ୍ଦାଳିଆ ଗ୍ରାମର ସମ୍ପର୍କୀୟଙ୍କ ଘରେ ରଖିଥିଲେ। ମଙ୍ଗଳବାର ଗୋଳନ୍ଥରା ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ କାଳିଆଙ୍କୁ ଧରିଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ସିଆରପିସି ୧୬୪ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ପ୍ରକାରେ ନଂ. ୩୩୫/୨୧ ମାମଲା ରୁଜୁ କରିଛି।

### ଦୁର୍ନୀତି ଅଭିଯୋଗ ପାଣ୍ଡିଆଖୋଲି ସମବାୟ ସମ୍ପାଦକ ନିଲମ୍ବିତ

କୁକୁଡାଖଣ୍ଡି, ୩୦।୧୧- କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ପାଣ୍ଡିଆଖୋଲି ଗ୍ରାମର ସମବାୟ ସମ୍ପାଦକ ନାରାୟଣ ଭୂୟାଁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସମବାୟ ସମ୍ପାଦକ ନାରାୟଣ ଭୂୟାଁଙ୍କ ନାମରେ ପୂର୍ବରୁ ବିଭିନ୍ନ ଦୁର୍ନୀତି ଅଭିଯୋଗ ରହିଥିବା ବେଳେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ସାର ବଣ୍ଟନରେ ବ୍ୟାପକ ଅନିୟମିତତା ଏବଂ ବିଭିନ୍ନ ଦୁର୍ନୀତି ଅଭିଯୋଗରେ ନାରାୟଣଙ୍କୁ ନିଲମ୍ବନ କରାଯାଇଥିବା ନେଇ ବ୍ରହ୍ମପୁର ଏଆରସିଏସ୍ (ଚିଠି ନମ୍ବର ୧୬୬୦) ମର୍ମରେ ସୂଚନା ମିଳିଛି।

### ଅବ୍ୟବସ୍ଥା ଘେରରେ ଯାତ୍ରୀ ବିଶ୍ରାମାଗାର

ଖଜୁରିପଡ଼ା/ବଲସକୁମ୍ପା,୩୦।୧୧ (ଡି.ଏନ.ଏ.)- ଖଜୁରିପଡ଼ା ବ୍ଲକ୍ ସଦର ମହକୁମା ୫୭ ନଂ ଜାତୀୟ ରାଜପଥ କଡ ବଜାର ମଝିରେ ଏକ ସୁନ୍ଦର ଯାତ୍ରୀ ବିଶ୍ରାମାଗାର ରହିଛି । ଏହାକୁ କନ୍ଧମାଳ ଏମ୍ପି ଡ. ଅଚ୍ୟୁତାନନ୍ଦ ସାମନ୍ତ, ବିଧାୟକ ଅଙ୍ଗଦ କହଁର, ଅଧକ୍ଷ ବୀରେନ୍ଦ୍ର କୁମାର କହଁର, ଉପାଧକ୍ଷ ସୌଦାମିନୀ କହଁର, ବିଡିଓ ରବୀନ୍ଦ୍ର ନାଥ କହଁର, ଜିଲା ପରିଷଦ ଜୁଲିଲତା ଲେଙ୍କା, ସମିତିସଭ୍ୟ ଗୀତାଞ୍ଜଳି ସାହୁ, ସରପଞ୍ଚ ମିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏବେ ଏହି ଯାତ୍ରୀ ବିଶ୍ରାମ ଗୃହ ମଧରେ ଗୁଟ୍‌ଖା ଖଇନି ଜରି, ପାନ ଛେପ ପଡି ଅସନା ଦେଖାଯାଉଛି। ଯାତ୍ରୀ ବସିବା ପାଇଁ ଥିବା ସିଟଗୁଡ଼ିକ ପାଖରେ ପାନ ଛେପ ପଡ଼ି ଦୁର୍ଗନ୍ଧ ହେଉଛି, ଯାହାଦ୍ୱାରା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଯାତ୍ରୀ ଏବଂ ଜିଲା ପରିଷଦ ସଭ୍ୟ ଅନୁରାଧା ସାହୁ କହିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି।

### ୧୧୯୬ କେଜି ଭାଙ୍ଗ ଜବତ, ୫ ଗିରଫ

ସୋରଡ଼ା, ୩୦।୧୧(ଡି.ଏନ୍.ଏ.)- ସୋରଡ଼ା ପୋଲିସ ସୋମବାର ସ୍ଥାନୀୟ ଜରଡ ଛକରେ ଯାନବାହନ ଯାଞ୍ଚ କରୁଥିବା ବେଳେ ଗଜପତିରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ବୋଲେରୋରୁ ୧୧୯୬ କେଜି ୯୦୦ ଗ୍ରାମ ଭାଙ୍ଗ ଜବତ କରିଛି। ଏହି ଘଟଣାରେ ୫ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଏକ ବାଇକ୍, ୫ ମୋବାଇଲ, ୫୧୦୦ ଟଙ୍କା ମଧ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ରଗଡିମଡାର ସନ୍ତୋଷ ପାତ୍ର, ବସନ୍ତ ପାତ୍ର, ଶଙ୍କର ପାତ୍ର ଓ ପାତ୍ରପୁର ଥାନା ଅଞ୍ଚଳ ପୋଡାମାରୀର ଶ୍ୟାମସୁନ୍ଦର ପାଢ଼ୀ, ଅନନ୍ତ ଜେନା। ଏ ନେଇ ନଂ. ୩୮ /୨୦୨୧ ରେ ମାମଲା ରୁଜୁ ହୋଇଛି ।

## ଫୁଲଚାଷ ବୁଲି ଦେଖିଲେ ପଞ୍ଚାୟତିରାଜ ନିର୍ଦ୍ଦେଶକ


ପଞ୍ଚାୟତିରାଜ ନିର୍ଦ୍ଦେଶକ ଫୁଲ ଚାଷ ଦେଖୁଛନ୍ତି ।

ଛତ୍ରପୁର,୩୦।୧୧(ଡି.ଏନ୍.ଏ.)

ରାଜ୍ୟ ପଞ୍ଚାୟତିରାଜ ବିଭାଗର (ସ୍ୱତନ୍ତ୍ର ପ୍ରକଳ୍ପ) ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଗଞ୍ଜାମ ଜିଲାକୁ ସୋମବାରଠାରୁ ଦୁଇ ଦିନିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ମଙ୍ଗଳବାର ସେ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତର ନୂଆଁପଲ୍ଲୀ ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ହୋଇଥିବା ଅର୍କିଟ ଓ ଜାର୍ବେରା ଫୁଲ ଚାଷ ପରିଦର୍ଶନ କରିବା ସହ ମହିଳାମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ । ପରେ କାଳିପଲ୍ଲୀ ପଞ୍ଚାୟତର ମା' ମହାଲକ୍ଷ୍ମୀ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ କରାଯାଇଥିବା ସିଲେଇ କେନ୍ଦ୍ର ବୁଲି ଦେଖିଥିଲେ । ସେଠାରୁ ଛତ୍ରପୁର ରେଳ ଷ୍ଟେଶନ ନିକଟ ଡିଡିୟୁଜିକେୱାଇ ଟ୍ରେନିଂ ସେଣ୍ଟରକୁ ଯାଇ ସେଠାରେ ତାଲିମ ନେଉଥିବା ଯୁବତୀମାନଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ବେଳେ ଡିଆରଡିଏ ପିଡି ସିନ୍ଦେଦତାତ୍ର ଭାଉସାହେବ, ଏପିଡି ଜ୍ୟୋତି ଶଙ୍କର ରାୟ, ଓଡିଶା ଜିବିକା ମିଶନର ଜିଲା ସଂଯୋଜକ ନବୀନ ଚନ୍ଦ୍ର ସେନାପତି, ଓରମାସର ଡେପୁଟି ସିଇଓ ଡ.ଜ୍ୟୋତି ପ୍ରକାଶ ମହାନ୍ତି, ଛତ୍ରପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଓଡିଶା ଜିବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ବହୁ ବିଭାଗୀୟ ଅଧିକାରୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ୩ ପୋଲିସ ସମେତ ୫ ଜଣଙ୍କ ନାଁରେ ମାମଲା

### ଗୋଳନ୍ଥରା ଥାନାରେ ହାଜତ ମୃତ୍ୟୁ ଘଟଣା

ଗୋପାଳପୁର,୩୦।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ଗତ ମେ ୩ରେ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ହାଜତ ମୃତ୍ୟୁ ଘଟଣାରେ ବ୍ରହ୍ମପୁର ପୋଲିସ ୩ ପୋଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଛି। ସେମାନେ ହେଲେ ତତ୍‌କାଳୀନ ଥାନାଧିକାରୀ ବାବୁଲି ନାୟକ, ଏଏସଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, କନଷ୍ଟେବଳ ଦୀପ୍ତି ପ୍ରକାଶ ଜେନା ଓ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ ଓ ତାଙ୍କ ଭାଇ ଅମିତ କୁମାର ଦାଶ। ଏ ନେଇ ଗୋଳନ୍ଥରା ଥାନାରେ ନଂ. ୩୩୨/୨୧ରେ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ପ୍ରକାରେ, ହାଜତ ମୃତ୍ୟୁ ଘଟଣାର ଠିକ୍ ନ୍ୟାୟ ନ ମିଳିବାରୁ ମୃତ ଗଣେଶଙ୍କ ମା'ଶୋଭା ଡାକୁଆ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଜଷ୍ଟିସ୍ ବିଶ୍ୱଜିତ ମହାନ୍ତିଙ୍କ ଜଣିକିଆ ଖଣ୍ଡପୀଠରେ ଗତ ୧୮ରେ ମାମଲାର ଶୁଣାଣି ହୋଇ ଗୃହ ବିଭାଗ, ବ୍ରହ୍ମପୁର ପୋଲିସ ଏସ୍‌ପି ଓ ଗୋଳନ୍ଥରା ଥାନା ପୋଲିସକୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ନୋଟିସ ଜାରି କରିଥିଲେ।

ଘଟଣାନୁସାରେ, ଗତ ମେ ୩ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଅଜିତ କୁମାର ଦାଶ ଓ ଭାଇ ଅମିତ କୁମାର ଦାଶଙ୍କ ସହ ଇଟାଭାଟିରେ କୌଣସି ବିଷୟକୁ ନେଇ ଗଣେଶ ଡାକୁଆଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗୋଳନ୍ଥରା ପୋଲିସ ଅଭିଯୋଗ ପାଇ ସେଠାରେ ପହଞ୍ଚି ଗଣେଶଙ୍କୁ କାବୁ କରି ଗୋଳନ୍ଥରା ଥାନା ପରିସରରେ ଥିବା ରିସେପଶନ୍ କୋଠରିରେ ଅଟକ ରଖି ପଚରାଉଚରା କରୁଥିଲା। କିଛି ସମୟ ପରେ ଗଣେଶଙ୍କ ହାଜତରେ ମୃତ୍ୟୁ ହୋଇଥିଲା।

## ଛତ୍ରପୁର ଓକିଲ ସଂଘର ସତ୍ୟାଗ୍ରହ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

ଛତ୍ରପୁର,୩୦।୧୧(ଡି.ଏନ୍.ଏ.)

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ଛତ୍ରପୁର ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ପୂର୍ବ ନିଷ୍ପତ୍ତି ଅନୁସାରେ ପ୍ରତିମାସର ଶେଷ କାର୍ଯ୍ୟ ଦିବସରେ ସଂଘର ସଦସ୍ୟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ସତ୍ୟାଗ୍ରହ କରୁଛନ୍ତି। ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ଏଲ୍.ଗୋପାଳ ରାଓଙ୍କ ସମେତ ବହୁ ଆଇନଜୀବୀ ବିଭିନ୍ନ ନାରାବାଜି ଦେଇ ଛତ୍ରପୁର ସିଭିଲ କୋର୍ଟ ପରିସରରେ ହୋଇଥିବା ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ମିଶ୍ର, ସୁରଜିତ ସାମନ୍ତରାୟ, ଡି. ଆଦି ନାରାୟଣ ରେଡ୍ଡୀ, ମନୋଜ କୁମାର ବେହେରା, ବ୍ରଜମୋହନ ଆଚାର୍ଯ୍ୟ, ପି. ଧର୍ମା ରେଡ୍ଡୀ, ସୁରେଶ କୁମାର ପଟ୍ଟନାୟକ, ସୁରେଶ କୁମାର ପଣ୍ଡା, ସୁରେନ୍ଦ୍ର ପଣ୍ଡା, ମୋହନ ରେଡ୍ଡୀ, ଅଶୋକ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ରେଡ୍ଡୀ, ଜିତେନ କୁମାର ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ସୁବାସ ବେହେରା, ଭୈରବୀ କୁମାର ପଟ୍ଟନାୟକ ଓ ମମତା ସେଠୀଙ୍କ ସମେତ ବହୁ ଆଇନଜୀବୀ ସାମିଲ ଥିଲେ।

## ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ: ଅଭିଯୁକ୍ତ ଗିରଫ

ଆସିକା,୩୦।୧୧(ଡି.ଏନ୍.ଏ.)

ଆସିକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ସହ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି । ସେ ହେଲେ ଆସିକା ଥାନା ଅଞ୍ଚଳର ଶରତ ମହାରଣା । ନାବାଳିକା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ ଆସିକା ଥାନା ମାମଲା ନଂ.୪୭୪/୨୧ରେ ବ୍ରହ୍ମପୁରସ୍ଥିତ ପୋକସୋ ଅଦାଲତରେ ହାଜର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ୨୦୧୮ରେ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ଶରତ ତାଙ୍କ ସହ ସମ୍ପର୍କ ରଖି ବିଭିନ୍ନ ପ୍ରଲୋଭନ ଦେଖାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏପରିକି ସେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଉଠାଇ ରଖିଥିଲେ । ପରେ ଏହି ଫଟୋକୁ ଭାଇରାଲ କରିବା ଧମକ ଦେଇ ଏକାଧିକ ଥର ବଳାତ୍କାର କରିଥିଲେ। ଗତ ୮ ତାରିଖରେ ଏହି ଅଶ୍ଳୀଳ ଫଟୋକୁ ଭାଇରାଲ କରିବା ପରେ ପୀଡିତା ନାବାଳିକାଙ୍କ ପକ୍ଷରୁ ଆସିକା ପୋଲିସରେ ଅଭିଯୋଗ କରାଯାଇଥିଲା।

## ୨ ଅଧିକାରୀଙ୍କ ବଦଳି ଦାବିରେ ଭାଜପାର ଆନ୍ଦୋଳନ

ପାରଳାଖେମୁଣ୍ଡି,୩୦।୧୧(ଡି.ଏନ୍.ଏ.)


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗଜପତି ଜିଲା ଭାଜପା ପକ୍ଷରୁ ଚାଲିଥିବା ଦୁର୍ନୀତି ବିରୋଧରେ ମଙ୍ଗଳବାର ଜିଲା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଜିଲାରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅନାମଚରଣ ପାତ୍ର ନିଜ ଚାକିରି ଜୀବନ ଆରମ୍ଭରୁ ଜିଲାରେ ବିଭିନ୍ନ ବିଭାଗର ଅଧିକାରୀ ଭାବେ କାର୍ଯ୍ୟକାରୀ ଆସୁଛନ୍ତି । ବିଭିନ୍ନ ପଦବୀରେ ରହି ଜିଲାରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାକିରି କରିସାରିଲେଣି ତଥାପି ଏହିଦୁଇ ଅଫିସରଙ୍କୁ ବଦଳି କରାଯାଉନାହିଁ। ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ବିନା ଟେଣ୍ଡର ମାଧମରେ କାର୍ଯ୍ୟ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଏହି ୨ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଏମାନେ କରିଥିବା ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି । ଏହି ଅବସରରେ ୭ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଜିଲା ଭାଜପା ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ କହିଛନ୍ତି। ଏହି ଆନ୍ଦୋଳନରେ ନୃସିଂହ ଚରଣ ପଟ୍ଟନାୟକ, ଜଗନ୍ନାଥ ମହାପାତ୍ର, ଚିତ୍ରି ସୀମାଦ୍ରି,ପ୍ରଶାନ୍ତ କୁମାର ପାଳ, ଅରୁଣୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି

ଭଞ୍ଜନଗର,୩୦।୧୧(ଡି.ଏନ୍.ଏ.)- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ପକ୍ଷରୁ ଚଳିତବର୍ଷ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ଡିସେମ୍ବର ୩ରୁ ୭ତାରିଖ ମଧ୍ୟରେ ଆନ୍ତଃକଲେଜ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର କଲେଜରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରି ପ୍ରତିଯୋଗିତା କିଭଳି ସଫଳତାର ସହ ଆୟୋଜନ ହେବ ସେ ସମ୍ପର୍କରେ କହିଥିଲେ। ଟୁର୍ନାମେଣ୍ଟରେ ୧୪ଟି ଟିମ ଭାଗ ନେବେ। ଅଧାପକ ଆମାସ ପାଟମାଝି, ରଜନୀ କାନ୍ତ ତ୍ରିପାଠୀ,ଅଧାପିକା ମନ୍ଦାକିନୀ ପଣ୍ଡା, ରାଜଶ୍ରୀ ନାୟକ ପ୍ରମୁଖଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲାପାଳଙ୍କ ସମୀକ୍ଷା


ଜିଲାପାଳଙ୍କ ହିଞ୍ଜିଳିକାଟୁ ଗସ୍ତରେ ଉପସ୍ଥିତ ଅଧିକାରୀ।

ହିଞ୍ଜିଳିକାଟୁ,୩୦।୧୧(ଡି.ଏନ୍.ଏ.)

୨୦୧୯ ନିର୍ବାଚନ ପରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନବୀନ ପଟ୍ଟନାୟକ ଡିସେମ୍ବର ମାସରେ ହିଞ୍ଜିଳିକାଟୁ ଗସ୍ତରେ ଆସିବା ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲାର ବହୁ ପ୍ରଶାସନିକ ଅଧିକାରୀ ହିଞ୍ଜିଳି ଗସ୍ତ କରିଛନ୍ତି। ଦୀର୍ଘ ଦିନ ଧରି ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ବିଭିନ୍ନ ରୂପାନ୍ତରୀକରଣ ହାଇସ୍କୁଲ ବୁଲି ଦେଖିବେ ମୁଖ୍ୟମନ୍ତ୍ରୀ। ଜିଲାପାଳ ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଛତ୍ରପୁର ଉପଜିଲାପାଳ ନିଳମାଧବ ଭୋଇ, ବ୍ରହ୍ମପୁର ଉପଜିଲାପାଳ ଭି.କିର୍ତ୍ତିଭାସନ, ବ୍ରହ୍ମପୁର କମିଶନର ଡ. ସିଦ୍ଧେଶ୍ୱର ବଳରାମ ବନ୍ଦୋର, ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡିଓ ସୁବ୍ରତ କୁମାର ଜେନା, ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ସଫେଇ କାର୍ଯ୍ୟକ୍ରମ

ଗଞ୍ଜାମ, ୩୦।୧୧(ଡି.ଏନ.ଏ.)

ପରିବେଶକୁ ସ୍ୱଚ୍ଛ ରଖିବା ନେଇ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା-ମୋ ସ୍ୱାଭିମାନ ସୁସ୍ଥ ଗଞ୍ଜାମକୁ ନେଇ ପାଳିବନ୍ଧ ଗ୍ରାମପଞ୍ଚାୟତ ପକ୍ଷରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଖଟୁଆକୁଦା ଗ୍ରାମରେ ଗାଁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଦିଲିପ ଛୋଟରାୟଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ପ୍ରେସ୍ କ୍ଲବ ସଭାପତି ଶବର ତରାଇ, ପିଇଓ ଦିଲିପ ନାୟକ, ଜିଆର୍‌ଏସ୍ ଜଗମୋହନ ବେହେରା, ୱାର୍ଡମେମ୍ବର କୈଳାଶ ପ୍ରଧାନ, ପ୍ରମୋଦ ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ସରୀତା ଦାଶ ଓ ଏଲ୍‌ଏମ୍ କେଶରୀ ଗୌଡ ପ୍ରମୁଖ ଉପସ୍ଥିତି ଥିଲେ । ଏହି ଅବସରରେ ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଶ୍ରମଦାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆନ୍ତଃ ମହାବିଦ୍ୟାଳୟ ମହିଳା କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟ ଉଦ୍‌ଘାଟନ।

ବୁଗୁଡ଼ା,୩୦।୧୧(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ସ୍ୱକ୍ରୀଡ଼ା ପ୍ରାଙ୍ଗଣରେ ତ୍ରୟୋଦଶତମ ଆନ୍ତଃ-ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟକୁ ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲା ବେଳେ ଏଥିରେ କଲେଜର କ୍ରୀଡ଼ା ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ସାହୁ, କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, ଅଧାପକ ଅଜୟ କୁମାର ସାହୁ ଓ ଅଧାପିକା ରଶ୍ମିତା କୁମାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚଟି ପିପୁଲ୍ସ କଲେଜ-ବୁଗୁଡା ଏବଂ ସିଟି କଲେଜ-ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ୬ଟି ମ୍ୟାଚକୁ ରେଫରି ସଚ୍ଚିଦାନନ୍ଦ ଦାଶ, ଭଞ୍ଜ କିଶୋର ଗୌଡ, ଏମ୍. ଶ୍ରୀନିବାସ ଦୋରା, ଶ୍ରୀକର କୁମାର ମାଝି, ହରିହର ବିଶ୍ୱାଳ, ସ୍ମୃତିରଞ୍ଜନ ପାତ୍ର ଓ ସୌଭାଗିନୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଆସିକା କଲେଜରେ ଛାତ୍ର ଅଶାନ୍ତ

ଆସିକା,୩୦।୧୧(ଡି.ଏନ୍.ଏ.)

ଆସିକା ବିଜ୍ଞାନ କଲେଜରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। କଲେଜ ବାର୍ଷିକ ଉତ୍ସବ କରିବା, ସାଇକେଲ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ଆଦି ଦାବି ନେଇ ଛାତ୍ରମାନେ କଲେଜ ମୁଖ୍ୟ ଫାଟକ ଓ ଅଧକ୍ଷଙ୍କ ପ୍ରକୋଷ୍ଠରେ ତାଲା ପକାଇ ଦେଇଥିଲେ । ଦୀର୍ଘ ସମୟ ପରେ କଲେଜର କେତେଜଣ ବରିଷ୍ଠ ଅଧାପକ ଉତ୍ୟକ୍ତ ଛାତ୍ରଙ୍କୁ ବୁଝାଇ ସେମାନଙ୍କ ଦାବି ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡିଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲବାଣୀ ଅଫିସ, ୩୦।୧୧

ଫିରିଙ୍ଗିଆ ନୋଡାଲ ସ୍କୁଲ ଖେଳପଡିଆ ନିକଟରୁ ମଙ୍ଗଳବାର ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ତେରଣପୁର ଗାଁର କାଳିଆ ବେହେରା। କାଳିଆ ପ୍ରାୟ ୪ ବର୍ଷ ହେବ ଫିରିଙ୍ଗିଆ ସହରରେ ଗାଡି ଡ୍ରାଇଭର ଭାବେ କାର୍ଯ୍ୟକରିଆସୁଥିଲେ। ସେ ଫିରିଙ୍ଗିଆ ବ୍ଲକ ଛକ ସ୍ଥିତ ଏକ ହୋଟେଲରେ ମଧ କାମ କରୁଥିଲେ। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ ଜବତ କରାଯାଇଛି । ମଙ୍ଗଳବାର ସକାଳେ ଉକ୍ତ ଖେଳପଡିଆକୁ ପିଲାମାନେ ଖେଳିବାକୁ ଯାଇଥିଲେ। ପାଖରେ ଥିବା ଏକ ଶାଗୁଆନ ଗଛରେ ଏକ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଫିରିଙ୍ଗିଆ ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଥାନା ଅଧିକାରୀ ପ୍ରଦୀପ କୁମାର ରାଉଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ କାଳିଆ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ନେଇ ଥାନାରେ ନଂ.୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରିଛି।

## ବିଦ୍ୟୁତ୍ ବିଚ୍ଛିନ୍ନ, ୨ଗାଁକୁ ମିଳିଲାନି ପାଣି

ଖଜୁରିପଡ଼ା/ବଲସକୁମ୍ପା, ୩୦।୧୧(ଡି.ଏନ.ଏ.)

ସରକାର ଗାଁଗୁଡ଼ିକରେ ବସୁଧା ଯୋଜନାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରି ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦେଉଛନ୍ତି। ଉଠା ଜଳସେଚନ ପ୍ରକଳ୍ପର ମୋଟର ବିଦ୍ୟୁତ ଦ୍ୱାରା ପରିଚାଳିତ ହେଉଛି। ତେବେ ବାରମ୍ବାର ବିଦ୍ୟୁତ କଟିବା ଏବଂ ବିନା ନୋଟିସ୍‌ରେ ସଂଯୋଗ ବିଚ୍ଛିନ୍ନ କରିବା ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣ ପିଇବା ପାଣି ଟୋପାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଜଳକଷ୍ଟ ଭୋଗୁଥିବା ଦୁଇ ଗାଁ ହେଉଛି ଖଜୁରିପଡ଼ା ବ୍ଲକ ଟିଟ୍ରାପଙ୍ଗା ପଞ୍ଚାୟତର କଲାଡି ଏବଂ ଟିଟ୍ରାପଙ୍ଗା ଗାଁ । ୨୦୧୬ ମସିହା ପୂର୍ବରୁ ଏହି ୨ ଗାଁ ଗୁଦାରି ପଞ୍ଚାୟତରେ ଥିଲା। ସେହି ସମୟରେ ବିଦ୍ୟୁତ ବିଲ୍ ପୈଠ ହେଉଥିଲା କି ନାହିଁ ସେ ବିଷୟରେ ନୂତନ ପଞ୍ଚାୟତର ସରପଞ୍ଚ ଅବଗତ ନାହାନ୍ତି। ହେଲେ ନୂତନ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ନେବାଠାରୁ ନିୟମିତ ବିଲ୍ ପୈଠ କରୁଛନ୍ତି। ଏହାସତ୍ତ୍ୱେ ବି ନୋଟିସ୍ ନ କରି କିମ୍ବା ନ ଜଣାଇ ଏହି ଦୁଇ ଗାଁର ଉଠା ଜଳସେଚନ ପ୍ରକଳ୍ପରୁ ବିଦ୍ୟୁତ ବିଭାଗ ବିଦ୍ୟୁତ୍ ବିଚ୍ଛିନ୍ନ କରିଛି। ଫଳରେ ଗତ ୮ ଦିନ ହେଲା ଦୁଇ ଗାଁର ଲୋକେ ପିଇବା ପାଣି ପାଇଁ ତହଲ ବିକଳ ହେଉଛନ୍ତି। ଏଥିପ୍ରତି ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀ ସମେତ ଜିଲାପାଳ, ବିଡିଓ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି ବୋଲି ସରପଞ୍ଚ ଗୀତାଞ୍ଜଳି ଜାନି ଏବଂ ନାଏବ ସରପଞ୍ଚ ବ୍ରହ୍ମାନନ୍ଦ ଦିଗାଲ ପ୍ରକାଶ କରିଛନ୍ତି।

## ଦୋଷୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଆର.ଉଦୟଗିରି,୩୦।୧୧(ଡି.ଏନ.ଏ.)

ଆର.ଉଦୟଗିରି ଗ୍ରାମର ଜୀବନ ଚନ୍ଦ୍ର ପରିଚ୍ଛାଙ୍କ ଝିଅ ଚନ୍ଦନା ରାଣୀ ପରିଚ୍ଛାଙ୍କ ସହ ସେହି ଗ୍ରାମର ହରେକୃଷ୍ଣ ସାବତଙ୍କ ଦ୍ୱିତୀୟ ପୁତ୍ର ତନୁଜଙ୍କ ୨୦୧୦ରେ ବାହାଘର ହୋଇଥିଲା। ଝିଅଙ୍କ ପରିବାର ପକ୍ଷରୁ ପୁଅ ଘରକୁ ୩ ଲକ୍ଷ ଟଙ୍କା, ବାଇକ୍, ଗହଣା ଓ ଅନ୍ୟ ସାମଗ୍ରୀ ଯୌତୁକ ବାବଦରେ ଦିଆଯାଇଥିଲା। ବାହାଘରର ଏକ ବର୍ଷ ସବୁ ଠିକ୍‌ଠାକ ଚାଲିଥିଲା। ପରେ ସ୍ୱାମୀ ତନୁଜ ସ୍ତ୍ରୀଙ୍କୁଅତ୍ୟାଚାର କରିବା ସହ ଅଧିକ ଯୌତୁକ ଆଣିବାକୁ ଦାବିକରି ନିର୍ଯାତନା ଦେଉଥିଲେ। ଏହାକୁ ସହ୍ୟ କରି ନ ପାରି ଚନ୍ଦନା ବାପ ଘରକୁ ଆସି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ସ୍ତ୍ରୀଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ସ୍ୱାମୀ ନାଁରେ ୧୪୩/୨୧ରେ ମାମଲା ରୁଜୁ କରିଥିଲା। ତାଙ୍କ ସ୍ୱାମୀ ପୋଲିସ ବିଭାଗରେ କନଷ୍ଟେବଳଥିବାରୁଘଟଣାର ୧୬ଦିନପରେ ମଧ ପୋଲିସ ତାଙ୍କୁ ଗିରଫ କରୁ ନ ଥିଲା। ଏହାର ପ୍ରତିବାଦରେ ସୋମବାର ଗ୍ରାମର ମହିଳା ସଂଘ ଏକତ୍ରିତ ହୋଇ ସ୍ଥାନୀୟ ଥାନା ଘେରାଉ କରିଥିଲେ। ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ମହିଳାଙ୍କୁ ଡାକି ଆଲୋଚନା କରିଥିଲେ। ଏଥିରେ ରାଜି ନ ହୋଇ ତୁରନ୍ତ ଦୋଷୀଙ୍କୁ ଗିରଫ କରାଯାଉ ବୋଲି ଜିଦ୍‌ଧରି ବସିଥିଲେ। ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଅଲିଭା ମହାସଂଘର ସଭାପତି ମମତା ବେହେରଦଳେଇ, ଆଞ୍ଚଳିକ ମହିଳା ମହାସଂଘର ସଭାପତି ଅଲ୍ପନା ଦଣ୍ଡସେନା, ମହିଳା ମଣ୍ଡଳର ସଭାପତି କଲ୍ୟାଣୀ ବେହେରା, ରଞ୍ଜନ ଘଡେଇ ଏବଂ ସାମାଜିକ କର୍ମୀ ମଞ୍ଜୁରି ପାଇକ ପ୍ରମୁଖ ଯୋଗଦେଇ ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ଥାନାଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ତନୁଜଙ୍କ ନାମରେ ଥାନାରେ କେସ୍ ରୁଜୁ କରାଯାଇଛି। ଖବର ପାଇ ବିଭିନ୍ନ ଜାଗାରେ ଚଢାଉ କରାଯାଉଛି, ମାତ୍ର ଆଜିସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ।


ମହିଳା ସଂଘ ସଦସ୍ୟା।

**୨ରେ ଏଲ୍ଆଇସି ପରିଚାଳନା ନିର୍ଦ୍ଦେଶକଙ୍କ ବ୍ରହ୍ମପୁର ଗସ୍ତ**

**ବ୍ରହ୍ମପୁର ଅଫିସ:** ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁ ଚରଣ ପଟ୍ଟନାୟକ ଆସନ୍ତା ୨ ତାରିଖରେ ଏଲଆଇସି ବ୍ରହ୍ମପୁର ମଣ୍ଡଳ ପରିଦର୍ଶନ କରିବେ। ଏ ନେଇ ବ୍ରହ୍ମପୁର ମଣ୍ଡଳ ଭାରପ୍ରାପ୍ତ ପ୍ରବନ୍ଧକ ଶ୍ରୀକାନ୍ତ ଦାରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବ୍ରହ୍ମପୁର ଏମ୍ପିଙ୍କ ଦ୍ୱାରା ପଞ୍ଚାୟତ ଗୃହ ଉଦ୍ଘାଟିତ

ଆର.ଉଦୟଗିରି, ୩୦।୧୧ (ଡି.ଏନ.ଏ.)- ମୋହନା ବ୍ଲକର ବଡଖଣି ଗ୍ରାମର ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ଦିନିକିଆ ଗସ୍ତରେ ଆସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହକୁ ଉଦ୍ଘାଟନ କରିଥିଲେ। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅଞ୍ଚଳର ଭାଜପା ଓ କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଉପସଭାପତି ଦଣ୍ଡାସୀ ସାହୁ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ସ୍ଥାନୀୟ ବ୍ଲକ ଅଧକ୍ଷା ଶୁକି ଶବର, ଉପାଧକ୍ଷ ବାଲିବା ଅଧିକାରୀ, ସ୍ଥାନୀୟ ସରପଞ୍ଚ ଯମୁନା ମଳିକ, ଯୁବ ସଭାପତି ଲିଙ୍ଗରାଜ ଗମାଙ୍ଗ, ବ୍ଲକ ସଭାପତି ରଞ୍ଜୀବ ଶବର ଓ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ଗୋପାଳପୁର,୩୦।୧୧(ଡି.ଏନ.ଏ.): ଗୋପାଳପୁର ଥାନା ପାତ୍ରପୁର ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରେମାନନ୍ଦ ସାହୁ (୩୫)। ଏ ନେଇ ପୋଲିସ ନଂ. ୨୬/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାତ୍ରପୁର ଗ୍ରାମରେ ପ୍ରେମାନନ୍ଦ ସାହୁ ମଧ୍ୟାହ୍ନରେ ନିର୍ମାଣାଧୀନ ଘରେ ପାଣି ପକାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୋପାଳପୁର ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବ୍ରହ୍ମପୁର ରେଳ ଷ୍ଟେଶନକୁ ଖୋର୍ଦ୍ଧା ରୋଡ୍ ଡିଆର୍ଏମ୍ଙ୍କ ଗସ୍ତ

ବ୍ରହ୍ମପୁର ଅଫିସ୍,୩୦।୧୧: ବ୍ରହ୍ମପୁର ରେଳ ଷ୍ଟେଶନକୁ ମଙ୍ଗଳବାର ଖୋର୍ଦ୍ଧା ରୋଡ ଡିଭିଜନର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ରିଙ୍କେଶ ରାୟ ଗସ୍ତ କରିଛନ୍ତି। ବରିଷ୍ଠ ଡିଭିଜନ୍ କମର୍ସିଆଲ ପ୍ରବନ୍ଧକ ଅମିତ୍ ଆନନ୍ଦ ଓ ଏଡିଆରଏମ୍ ଅଶୋକ କୁମାର ମଧ ଏହି ଗସ୍ତରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବ୍ରହ୍ମପୁର ରେଳ ଷ୍ଟେଶନରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ସଂସ୍କାରବାଦୀ ସଂଗଠନ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବରିଷ୍ଠ ନାଗରିକ ଯାତ୍ରୀମାନଙ୍କୁ ପୂର୍ବ ଭଳି ୪୦ ଓ ୫୦ ପ୍ରତିଶତ ଯାତ୍ରା ଭଡା ରିହାତିର ପୁନଃ ପ୍ରଚଳନ, ୪ର୍ଥ ପ୍ଲାଟଫର୍ମରେ ସମସ୍ତ ଟ୍ରେନ୍ ଚଳାଚଳ ସୁବିଧା, ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଟ୍ରେନ୍‌ରେ ୨ଟି ଶୀତକାଳୀନ ସ୍ୱତନ୍ତ୍ର ବଗି, ବରିଷ୍ଠ ଓ ମହିଳା ରେଳ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର, ଷ୍ଟେଶନ୍ ବାହାରେ ଶୌଚାଳୟ ଓ ବ୍ରହ୍ମପୁର-ପୁରୀ ସିଧାସଳଖ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ଦାବି ହୋଇଥିଲା। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ପ୍ରତିବାଦ ଓ ଧାରଣା ଦିଆଯିବ ବୋଲି ସଭାପତି ତ୍ରିନାଥ ମହାରଣା ଚେତାବନୀ ଦେଇଛନ୍ତି।

### ଗେଟ୍‌ବଜାର-କୋର୍ଟପେଟା ୱାନ ୱେ ରାସ୍ତା ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ୍,୩୦।୧୧: ବ୍ରହ୍ମପୁର ସହରର ଗେଟ୍‌ବଜାରଠାରୁ କୋର୍ଟପେଟା ଛକ ଯାଏ ୱାନ୍ ୱେ ରାସ୍ତାକୁ ନେଇ କିଛି ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ମଙ୍ଗଳବାର ବୈକୁଣ୍ଠନଗର ଉନ୍ନୟନ ପରିଷଦ ପକ୍ଷରୁ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ବାସିନ୍ଦା କହିଛନ୍ତି, ୱାନ୍ ୱେ ରାସ୍ତା ନେଇ ଜିଲାପାଳଙ୍କ ନିଷ୍ପତ୍ତି ପରେ ବର୍ତ୍ତମାନ ଗେଟ୍ ବଜାର ନିକଟସ୍ଥ ଶ୍ମଶାନ ଓ ପୋଖରୀକୁ ଯାତାୟାତ ପାଇଁ ଥିବା ରାସ୍ତାଟିକୁ ବିଏମ୍‌ସି ପକ୍ଷରୁ ବନ୍ଦ କରାଯାଇଛି। ଫଳରେ ବୈକୁଣ୍ଠନଗର ବାସିନ୍ଦା ମୁଖ୍ୟ ରାସ୍ତାକୁ ଆସିବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗେଟ୍ ବଜାର ଭେଣ୍ଡିଂ ଜୋନ୍‌କୁ ଆସିବା ପାଇଁ ମଧ ବୁଲାଣି ଦେଇ ଆସିବାକୁ ପଡୁଛି। ଏଣୁ ଏହି ରାସ୍ତାରେ ଥିବା କଟକଣାକୁ ଯଥାଶୀଘ୍ର ହଟାଇବା ପାଇଁ ବାସିନ୍ଦାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପରିଷଦ ସମ୍ପାଦକ ଜଗଦାନନ୍ଦ ଦାଶଙ୍କ ସମେତ ଭୋଳାନାଥ ପାଢୀ, ଗଣେଶ୍ୱର ସାହୁ, ହରିସେବକ ପଣ୍ଡା, ସଦାନନ୍ଦ ପାତ୍ର, ସୀମାଞ୍ଚଳ ପଣ୍ଡା, ଗୋପବନ୍ଧୁ ଦାଶ, ତ୍ରିନାଥ ପାଢୀ ଓ ଶିବ ଶଙ୍କର ସାବତଙ୍କ ସମେତ ପରିଷଦର ସଦସ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାରେ ତେଜୁଛି ପଞ୍ଚାୟତ ରାଜନୀତି

- ବିଜେଡିକୁ ଆଶଙ୍କା ବିଦ୍ରୋହୀ, ମୋଦିଙ୍କ ଭରସାରେ ଭାଜପା
- ଗୋପାଳପୁରକୁ ଗୁରୁତ୍ୱ ଦେଇଛି ଶାସକ ଦଳ

ବ୍ରହ୍ମପୁର ଅଫିସ,୩୦।୧୧

ରାଜ୍ୟରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସ୍ଥଗିତ ନ ହୋଇ ନିର୍ଦ୍ଧାରିତ ସମୟରେ ହେବାକୁ ବିଭାଗୀୟ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଫଳରେ ଗଞ୍ଜାମରେ ଗ୍ରାମାଞ୍ଚଳ ନିର୍ବାଚନ ପାଇଁ ମୁଖ୍ୟତଃ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ଅଧିକ ତତ୍ପରତା ସହ ରଣନୀତିକୁ ଜୋରଦାର କରାଯାଇଛି। ୨୦୧୭ ନିର୍ବାଚନରେ ଲଜ୍ଜାଜନକ ସ୍ଥିତିରେ ଥିବା କଂଗ୍ରେସ ପୁଣି ପଛରେ ପଡ଼ିବାର ପୂର୍ବାନୁମାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟ ରାଜନୀତିକୁ ଦୃଷ୍ଟିରେ ରଖି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ଯୋଜନା ସମେତ ଖେଳୁଥିବା ମହିଳା କାର୍ଡକୁ ଆୟୁଧ କରି ଜିଲାରେ ବିଜେଡି ମାଡ଼ି ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ଭରସାରେ ରହିଛି ଭାଜପା।

ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳ ଡିଆଁ ରାଜନୀତିକୁ ଭାଜପା ଓ ବିଜେଡି ଅଧିକ ଗୁରୁତ୍ୱ ଦେଇଛି। ମୁଖ୍ୟତଃ ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ବିଜେଡି ଟାର୍ଗେଟ କରିଛି। ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡିରୁ ବହିଷ୍କାର କରିବାର ବର୍ଷେ ବିତିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାଶଙ୍କୁ ପୂରା ଦାୟିତ୍ୱ ଦିଆଯାଇଛି। ସେହି ବିଧାନସଭା କ୍ଷେତ୍ରରେ ୩୭ ପଞ୍ଚାୟତ ଓ ୪ ଜିଲା ପରିଷଦ ଜୋନ୍ ଅଛି। ୨୦୧୭ ନିର୍ବାଚନରେ ବିଜେଡି ସକଳପ୍ରକାର ଅସ୍ତ୍ର ପ୍ରୟୋଗ ସତ୍ତ୍ୱେ ଦୁଇ ଜୋନ ଭାଜପା ଦଖଲକୁ ଯାଇଥିଲା। ଆଗାମୀ ନିର୍ବାଚନରେ ଯଦି ପୁନରାବୃତ୍ତି ହେବ ତେବେ ବିଜେଡିର ଇଜ୍ଜତ ଯିବ।

ସବୁ ଜୋନରେ ବିଜେଡି ଯେଭଳି ବାଜିମାତ କରିବ ସେଥିପାଇଁ ଗୋପବନ୍ଧୁଙ୍କ ନିଦ ହଜିଯାଇଛି। କେବଳ ସେତିକି ନୁହେଁ ଅନ୍ୟ ଦଳର କର୍ମୀଙ୍କୁ ଗୋଟାଇ ଆଣିବାର ପ୍ରୟାସ ଚାଲିଛି। ଗତ ୨୮ ତାରିଖରେ ମନ୍ତ୍ରିଡ଼ି ଭୈରବୀ ପୀଠ ପାଖରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପା ସମର୍ଥିତ ଦୁଇ ସରପଞ୍ଚଙ୍କ ସମେତ ଅନେକ ଭାଜପା କର୍ମୀ ବିଜେଡିରେ ମିଶିଥିବା ପ୍ରଚାର କରାଗଲା। ସେହିଦିନ ଅପରାହ୍ନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ବ୍ଲକର ଗୋଠଗାଁ ପଞ୍ଚାୟତ ଅଞ୍ଚଳରେ ୧୦ନଂ. ଜୋନ୍ ବୈଠକ କରାଯାଇଥିଲା। ସେହି ଜୋନ୍ ପରିସରର ୮ ପଞ୍ଚାୟତ କର୍ମୀଙ୍କୁ ଏକାଠି କରି ରାଜନୈତିକ ସଚିବ ମନ୍ତ୍ର ଫୁଙ୍କିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ନିର୍ବାଚନ ମଣ୍ଡଳୀର ୪ଟି ଯାକ ଜୋନରେ ବିଜେଡି ପ୍ରାର୍ଥୀଙ୍କୁ ନିର୍ବାଚିତ କରାଇବାକୁ ଦାଶ ଗୁରୁତ୍ୱ ଦେଇଥିଲେ। ନିର୍ବାଚନ ପରିଚାଳନା ପାଇଁ କମିଟି ଗଠନ ହୋଇଥିଲା। ମନ୍ତ୍ରିଡ଼ି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସଦସ୍ୟ ସୁବାସ ସିଂ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗତ ୨୭ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ ମଧ୍ୟାହ୍ନ ଭୋଜନ ପାଚିକା ପାଚକ ମହାସଂଘ ଗଞ୍ଜାମ ଜିଲା ସମ୍ମିଳନୀରେ ମଧ ସୁବାସଙ୍କ ସମେତ ଅନେକ ବିଧାୟିକ ଓ ବିଧାୟକ ଯୋଗ ଦେଇଥିଲେ।

### ଜେଲ ଗଲେ କୋଟିପତି କନ୍‌ଷ୍ଟେବଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର ଅଫିସ,୩୦।୧୧

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା କୋଟିପତି କନ୍‌ଷ୍ଟେବଲ ସୁଦର୍ଶନ ପ୍ରଧାନଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କେସ୍ ନମ୍ବର ୧୮/୨୧ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସୁଦର୍ଶନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ସୁଦର୍ଶନଙ୍କ ସଦର ଥାନା ଲୋଚାପଡ଼ାରେ ଥିବା ଏକ ୩ ମହଲା ଘର, ନିମଖଣ୍ଡି କେନାଲ ରୋଡ଼ରେ ଥିବା ୩ଟି ଘର ଏବଂ ଭଞ୍ଜନଗର ଥାନା ଗାମୁଣ୍ଡି ଗ୍ରାମରେ ଥିବା ପୈତୃକ ବାସ ଭବନରେ ଚଢ଼ଉ କରାଯାଇଥିଲା।

## ୧୧ତମ ଜାତୀୟ କରାଟେ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କ ସହ ଟିମ୍ ଅଧିକାରୀ।

**ଗଞ୍ଜାମକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ କାଂସ୍ୟ ପଦକ**

ବ୍ରହ୍ମପୁର ଅଫିସ,୩୦।୧୧

ସୁକୋକାଇ ଢ୍ରଓ ୟୁନିୟନ ଇଣ୍ଡିଆ ଓ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ମିଳିତ ଆନୁକୂଲ୍ୟରେ ନଭେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ୧୧ତମ ଜାତୀୟ ସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବ୍ରହ୍ମପୁର ଉତ୍କଳ କରାଟେ ସ୍କୁଲର ୧୨ ପ୍ରତିଯୋଗୀ ଜିଲା ପକ୍ଷରୁ ରାଜ୍ୟସ୍ତରୀୟ ଦଳରେ ସ୍ଥାନ ପାଇ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଜିଲା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ କାଂସ୍ୟ ପଦକ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ଶ୍ରୀଦୀଶ ମହାପାତ୍ର ବାଳକ କାଟାରେ ସ୍ୱର୍ଣ୍ଣ, ସୋନମ୍ ପ୍ରଧାନ ବାଳିକା ଫାଇଟରେ କାଂସ୍ୟ, ଅମ୍ରିତ ପାତ୍ର ବାଳକ ଫାଇଟରେ କାଂସ୍ୟ ଏବଂ କାଟାରେ ରୌପ୍ୟ, ସାହିଲ ସନାତନ ପୃଷ୍ଟି ବାଳକ ଫାଇଟରେ କାଂସ୍ୟ, ଅମିତ କୁମାର ଡାକୁଆ ହ୍ୱାଇଟବେଲଟ ସିନିୟର ଫାଇଟରେ ସ୍ୱର୍ଣ୍ଣ ଏବଂ କାଟାରେ ରୌପ୍ୟ, ସ୍ମୃତି ପାତ୍ର ଗ୍ରୀନ୍ ବେଲଟ ମହିଳା ଫାଇଟରେ କାଂସ୍ୟ, ଆଶୁତୋଷ ପଟ୍ଟନାୟକ ଗ୍ରୀନ୍ ବେଲଟ ପୁରୁଷ କାଟାରେ ସ୍ୱର୍ଣ୍ଣ, ମହେଶ କୁମାର ସାହୁ ବ୍ରାଉନ ବେଲଟ ସିନିୟର କାଟାରେ କାଂସ୍ୟ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗୀମାନେ ଉତ୍କଳ କରାଟେ ସ୍କୁଲ ବ୍ରହ୍ମପୁରଠାରେ ସେନସାଇ ଦେବବ୍ରତ ସମାଦ୍ଧାରଙ୍କଠାରୁ ତାଲିମ ଗ୍ରହଣ କରନ୍ତି। ସମସ୍ତ ପ୍ରତିଯୋଗୀ ମଙ୍ଗଳବାର ଟିମ୍ ମ୍ୟାନେଜର ଅନୁପମା ମହାରଣା ଏବଂ ଟିମ୍ କୋଚ ସିଦ୍ଧାର୍ଥ ଭୂୟାଁଙ୍କ ସହ ବ୍ରହ୍ମପୁରଠାରେ ପହଞ୍ଚିବା ପରେ ବ୍ରହ୍ମପୁର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ସଭାପତି ନାରାୟଣ ସାହୁ, ଉପସଭାପତି ରମେଶ ଚନ୍ଦ୍ର ପାଢୀ, ସଚ୍ଚିଦାନନ୍ଦ ଦାଶ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଟିମ୍‌କୁ ସମ୍ବର୍ଦ୍ଧିତ କରିଛନ୍ତି।

## ନ୍ୟାୟ ପାଇଁ ବୋହୂଙ୍କ ଧାରଣା ଜାରି

**ପିଟିଶନ ଶୁଣାଣି ଆଜି**

ବ୍ରହ୍ମପୁର ଅଫିସ,୩୦।୧୧

ନ୍ୟାୟ ପାଇଁ ବୋହୂ ତପସ୍ୱିନୀ ଦାଶ ବ୍ରହ୍ମନଗର ସ୍ଥିତ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିବାରୁ ସେ କୋର୍ଟରେ ଆଶ୍ରୟ ନେଇଥିଲେ। ତପସ୍ୱିନୀ ରୁଜୁ କରିଥିବା ପିଟିଶନ୍ (ଏମ୍‌ସି ନମ୍ବର-୩୪୪/୨୧)ର ଶୁଣାଣି ପାଇଁ କୋର୍ଟ ସୋମବାର ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଗଞ୍ଜାମ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ଏହାର ଶୁଣାଣି ହୋଇପାରିନଥିଲା। ଏଥିପାଇଁ ତପସ୍ୱିନୀଙ୍କ ତରଫରୁ କୋର୍ଟରେ ମଙ୍ଗଳବାର ଏକ ପିଟିଶନ୍ ଦାଏର କରାଯାଇଥିଲା। ବୁଧବାର ଏହି ମାମଲାର ଶୁଣାଣି ପାଇଁ ଅନୁରୋଧ କରାଯାଇଥିଲା। କୋର୍ଟ ତାହା ଗ୍ରହଣ କରିଥିବା ସୂଚନା ମିଳିଛି। ମଙ୍ଗଳବାର ତପସ୍ୱିନୀ ଓ ଶ୍ୱଶୁର ପ୍ରମୋଦ ସାହୁ ଏବଂ ସ୍ୱାମୀ ସୁମିତ ସାହୁ କୋର୍ଟରେ ଉପସ୍ଥିତ ଥିଲେ। ଶ୍ୱଶୁର ଘରେ ରହିବା ଦାବି ନେଇ ଗତ ୨୨ତାରିଖରୁ ତପସ୍ୱିନୀ ଧାରଣା ଜାରି ରଖିଛନ୍ତି। ତାଙ୍କୁ କେହି ନ୍ୟାୟ ନ ଦେବାରୁ ଶେଷରେ ସେ କୋର୍ଟର ଆଶ୍ରୟ ନେଇଥିଲେ। ଶ୍ୱଶୁର ଘରେ ରହିବାକୁ ଅନୁମତି ଦେବା ପାଇଁ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ୍ ରୁଜୁ କରିଥିଲେ। ବୁଧବାର ଉକ୍ତ ପିଟିଶନର ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି।

### ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର ଅଫିସ,୩୦।୧୧

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଆଇକ୍ୟୁଏସି ସେଲ୍ ଓ ଡା. ପି. ରବିକୁମାର ମଧୁମେହ ଓ ଅନ୍ତଃସ୍ରାବୀ କେନ୍ଦ୍ରର ମିଳିତ ଉଦ୍ୟମରେ ମଙ୍ଗଳବାର ମହାବିଦ୍ୟାଳୟଠାରେ ଏକ ସ୍ୱାସ୍ଥ୍ୟ ଶିବିର ଓ କର୍ମଶାଳା ଆୟୋଜିତ ହୋଇଥିଲା । ଅଧକ୍ଷ ପ୍ରଫେସର ଡ. ମହେନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ଡା. ପି. ରବିକୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟର ମହତ୍ତ୍ୱ ସମ୍ବନ୍ଧରେ ସଚେତନ କରିଥିଲେ । ଏହି ଅବସରରେ ରବିକୁମାରଙ୍କ ଟିମ୍ ମହାବିଦ୍ୟାଳୟର ବହୁ ଛାତ୍ରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ସୁଧାକର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଚିତ୍ତରଞ୍ଜନ ଶତପଥୀ, ଡ. ଭରତାର୍ଣ୍ଣବ ଦାଶ, ପଙ୍କଜ ବାରିକ, ଭାରତୀବାଳା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୩୦।୧୧

କନ୍ଧମାଳ ଜିଲା ଗୋଛାପଡା ଓ ଫିରିଙ୍ଗିଆ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫୨ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାୟଗଡା ଜିଲା ମୁନିଗୁଡା ଥାନା ସର୍ଗିଗୁଡା ଗାଁର ଦିନେସ ଟାକ୍ରି ଓ ଫିରିଙ୍ଗିଆ ବ୍ଲକ ପାହିରେଜୁ ପଞ୍ଚାୟତ ଜାରକିକେଟା ଗାଁର ମୃତ୍ୟୁଞ୍ଜୟ କହଁର। ପୋଲିସ ଫିରିଙ୍ଗିଆ-ଗୋଛାପଡା ରାସ୍ତାର ମାଝିପଡା ଘାଟି ନିକଟରେ ଏକ କାର ଯାଞ୍ଚ କରିବାରୁ ସେଥିରୁ ୫୦ କି.ଗ୍ରା. ଗଞ୍ଜେଇ ମିଳିଥିଲା । ସେହିପରି ଗୋଛାପଡା ଥାନା ପାହିରେଜୁ ପଞ୍ଚାୟତ ଡାଙ୍ଗାମେଣ୍ଡି ଗାଁ ସ୍କୁଲ ପାଖରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପୋଲିସ ୧୦୨ କି.ଗ୍ରା. ଗଞ୍ଜେଇ ଜବତ କରିଥିଲା । ଏ ନେଇ ପୃଥକ ଭାବେ ମାମଲା ରୁଜୁ ହୋଇଛି ।

### ସମସ୍ୟା ସମାଧାନ ଦାବି କଲେ ଶାନ୍ତିନଗର ବାସିନ୍ଦା

ବ୍ରହ୍ମପୁର ଅଫିସ୍,୩୦।୧୧

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧ ନଂ. ୱାର୍ଡ ଶାନ୍ତି ନଗର ୫ମ ଲେନ୍‌ରେ ରହିଥିବା ବାସିନ୍ଦା ବିଭିନ୍ନ ସମସ୍ୟାକୁ ନେଇ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୧୫୦ ପରିବାର ବସବାସ କରୁଛନ୍ତି। ଉକ୍ତ ସାହିରେ ଭଲ ଡ୍ରେନ୍ ନ ଥିବାରୁ ଫାଷ୍ଟଗେଟ, ବଡବଜାର, ହରିଡାଖଣ୍ଡି ସମେତ ବିଭିନ୍ନ ଅଞ୍ଚଳର ନର୍ଦ୍ଦମା ପାଣି ସାହି ମଝି ରାସ୍ତାରେ ଜମି ରହୁଛି। ଏଥିସହ ସାମାନ୍ୟ ବର୍ଷା ହେଲେ ନାଳ ପାଣି ଘରେ ପଶୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦୀର୍ଘ ୫ ବର୍ଷ ଧରି ରାସ୍ତା ଓ ଡ୍ରେନେଜ ସମସ୍ୟା ମଧ୍ୟରେ ସ୍ଥାନୀୟ ବାସିନ୍ଦା ସମ୍ମୁଖୀନ ହେଉଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମ୍‌ସି କମିଶନର ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ତୁରନ୍ତ ସାରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଚେଲ୍ଲା କୁମାରଙ୍କ ଗସ୍ତକୁ ନେଇ କଂଗ୍ରେସର ପ୍ରସ୍ତୁତି

ଫୁଲବାଣୀ ଅଫିସ, ୩୦।୧୧

କନ୍ଧମାଳ ଜିଲାକୁ ଆସନ୍ତା ୫ ତାରିଖରେ ଓଡିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଚେଲ୍ଲାକୁମାର ଗସ୍ତରେ ଆସିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଚେଲ୍ଲା କୁମାରଙ୍କ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଏ ନେଇ ଜିଲା କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନେତାଜୀ କ୍ଲବଠାରେ ଆୟୋଜିତ ବୈଠକରେ ଦଳର ଅନେକ ବରିଷ୍ଠ ନେତା ତଥା କର୍ମକର୍ତ୍ତା ଯୋଗ ଦେଇ ଚେଲ୍ଲା କୁମାରଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ରାଜ୍ୟ ପ୍ରଭାରୀ କନ୍ଧମାଳ ଜିଲାରେ ଦଳର ସାଂଗଠନିକ ସ୍ଥିତି ତଥା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କିତ ବିଭିନ୍ନ ବିଷୟ ନେଇ ଜିଲାସ୍ତରୀୟ ନେତା ଓ କର୍ମୀମାନଙ୍କ ସହ ଆଲୋଚନା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି । ଚେଲ୍ଲା କୁମାରଙ୍କ ସହ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ଅନ୍ୟ ନେତାମାନେ ମଧ ଫୁଲବାଣୀ ଆସିବେ ବୋଲି ସୂଚନା ମିଳିଛି । ଜିଲା କଂଗ୍ରେସ ସଭାପତି ଅନାମ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ପୂର୍ବତନ ଏମ୍ପି ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଅଜୟନ୍ତୀ ପ୍ରଧାନ, ଜିଲା ମହିଳା କଂଗ୍ରେସ ସଭାପତି ରୁଦା ମଲିକ, ରାଜ୍ୟ ସଂପାଦିକା ସାଇବାଣୀ କହଁର, ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁରଙ୍କ ସମେତ ଅନେକ ନେତା ଅଂଶଗ୍ରହଣ କରିଥିଲେ ।

## ମିଷ୍ଟର ନର୍ଥ ଓଡ଼ିଶା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ଓ ସଂଗଠନ ସଦସ୍ୟ ଓ ପ୍ରତଯୋଗୀ ।

ବ୍ରହ୍ମପୁର ଅଫିସ,୩୦।୧୧

ଆଇବିବିଏଫଏଫ ଓ ଓବିବିଏଫଏ ପକ୍ଷରୁ ବାଲେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ନଭେମ୍ବର ୨୮ରେ ମିଷ୍ଟର ନର୍ଥ ଓଡ଼ିଶା -୨୦୨୧ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବାଲେଶ୍ୱର ସୋରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣ ବିଭିନ୍ନ ବର୍ଗରେ କୃତିତ୍ୱ ଲାଭ କରିଛନ୍ତି। ସୋମବାର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ସଂଗଠନର ସଭାପତି ଆନନ୍ଦ ମହାଙ୍କୁଡ଼ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁଷ୍ପ ଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଥିଲେ ଚନ୍ଦନ କୁମାର ପାଣିଗ୍ରାହୀ, ସନ୍ତୋଷ ସାହୁ, ମହଦ ସାହ, ସୁନୀଲ କୁମାର ସାହୁ, ମହେଶ୍ୱର ଜେନା, ବିଶ୍ୱଜିତ ସାମନ୍ତରାୟ, ରବିନାରାୟଣ ସାହୁ ଓ ବିଭୁ ପ୍ରସାଦ ପୋଲାଇ । ସମ୍ବର୍ଦ୍ଧନା ଉତ୍ସବରେ ସଂଗଠନ ସମ୍ପାଦକ ଦୁର୍ଗା ପ୍ରସାଦ ଶତପଥୀ, ପୂର୍ବତନ ସଭାପତି ବରୁଣ କୁମାର ପାଣିଗ୍ରାହୀ, ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ଉଦୟ ମଲ୍ଲିକ ଏବଂ ଏସ୍.ଧର୍ମା ଆଚାରୀ ଓ ବୁନୁ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସମୁଦ୍ର ତଟସୁରକ୍ଷା ସମରାଭ୍ୟାସ ଆରମ୍ଭ

ଗୋପାଳପୁର,୩୦।୧୧(ଡି.ଏନ.ଏ.)



ଗୋପାଳପୁର, ଗୋଲନ୍ଥରା ମେରାଇନ ଥାନା ପୋଲିସ, କୋଷ୍ଟଗାର୍ଡ ଓ ନୌବାହିନୀ ପକ୍ଷରୁ ମଙ୍ଗଳବାର ଦୁଇଦିନିଆ ସମୁଦ୍ର ତଟସୁରକ୍ଷା ସମରାଭ୍ୟାସ ଆରମ୍ଭ ହୋଇଛି। ସକାଳେ ଗୋପାଳପୁର, ସୋନପୁର ସମୁଦ୍ରରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଗୋଲନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ, ମେରାଇନ ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ ଓ ଗୋପାଳପୁର ଥାନାଧିକାରୀ ମାଧବାନନ୍ଦ ନାୟକ, କୋଷ୍ଟଗାଡ ଓ ନୌବାହିନୀ ଉପସ୍ଥିତ ଥିଲେ। ଆତଙ୍କବାଦୀ ଓ ବାହାର ଦେଶର ଶତ୍ରୁମାନେ ସମୁଦ୍ର ମଧ ଦେଇ ପ୍ରବେଶ କଲା ବେଳେ କିଭଳି ସେମାନଙ୍କୁ ପ୍ରତିହତ କରାଯିବ ସେନେଇ ସମରାଭ୍ୟାସ କରାଯାଇଥିଲା। ବୁଧବାର ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଦୁଇ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀ ଓ ୮ ଅଧିକାରୀ ସମୁଦ୍ର କୂଳରେ ମୁତୟନ ରହିଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଫାଶରେ ପଡି ଯୁବକଙ୍କ ମୃତ୍ୟୁ ଘଟଣା , ୨ ଗିରଫ

ବୁଗୁଡା,୩୦।୧୧(ଡି.ଏନ.ଏ)

ବୁଗୁଡା ଥାନା କହ୍ନେଇପୁର ଗ୍ରାମରେ ବାର୍ହା ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାଶରେ ଲାଗି ସେହି ଗ୍ରାମର ଜଣେ ଯୁବକ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଦ୍ୟୁତ୍ ଫାଶ ପକାଇଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କହ୍ନେଇପୁର ଗ୍ରାମର ଯୁଧିଷ୍ଠିର ଦାସ ଓ ଧରମା ପ୍ରଧାନ। ଗତ ଶୁକ୍ରବାର ରାତିରେ କହ୍ନେଇପୁର ଗ୍ରାମର ଶ୍ରୀକାନ୍ତ ଗୌଡ଼ ଓ ପ୍ରକାଶ ଗୌଡ଼ ଘାଇକୁ ସ୍ନାନ ଶୌଚ ପାଇଁ ଯାଉଥିଲା ବେଳେ ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ିଥିଲେ। ଏହି ଘଟଣାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରକାଶ ଆହତ ହୋଇଥିଲେ । ଏ ନେଇ ପୋଲିସ ନଂ. ୬୨୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ନାକ୍‌ର ୨ ଦିନିଆ କର୍ମଶାଳା ଉଦ୍‌ଯାପିତ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୩୦।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନାକ୍ ଅଧିସ୍ୱୀକୃତି ସମ୍ବନ୍ଧୀୟ ଦୁଇ ଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ସମୂହ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ନିର୍ଦ୍ଦେଶିକା ପ୍ରଫେସର ଅରୁନ୍ଧତୀ ରଥ,ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ପ୍ରଫେସର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ସୁଧାକର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟରେ ଅଧୀନରେ ଥାଇ ଅଦ୍ୟାବଧି ନାକ୍ ଅଧିସ୍ୱୀକୃତି ହୋଇ ନ ଥିବା ଓ ୟୁଜିସି ପକ୍ଷରୁ ଅନୁଦାନ ମିଳୁ ନ ଥିବା ୧୦୪ ମହାବିଦ୍ୟାଳୟର ଅଧକ୍ଷଙ୍କଙ୍କ ସହ ଅଧିସ୍ୱୀକୃତିର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା ହୋଇଥିଲା। କର୍ମଶାଳାର ପ୍ରଥମ ଦିନରେ କୋରାପୁଟର ୫୩ ମହାବିଦ୍ୟାଳୟ ଓ ଦ୍ୱିତୀୟ ଦିନ ଗଞ୍ଜାମ ଜିଲାର ସମସ୍ତ ୫୧ ମହାବିଦ୍ୟାଳୟର ଅଧକ୍ଷ ଯୋଗ ଦେଇଥିଲେ। ନାକ୍ ଅଧିସ୍ୱୀକୃତି ନିମନ୍ତେ ଆବଶ୍ୟକ ନଥିପତ୍ର ଓ ସାଜସଜ୍ଜା ବିଷୟରେ ତାଲିମ ଦିଆଯାଇଥିଲା। ଏହି ଅବସରରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ +୩ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପକୁଳ ସଚିବ ଡ.ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ଏ. ସୁରିୟା ପ୍ରକାଶ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଡ. ଶଙ୍କର ମାଝି,ପ୍ରତାପ କୁମାର ରାଉତ, ରବୀନ୍ଦ୍ର କୁମାର ପାଣିଗ୍ରାହୀ,ପ୍ରମୋଦ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅଧିକାରୀ ।

